## ସତ୍ୟବାଦୀ ଥାନା କଣ୍ଟେନ୍‌ମେଣ୍ଟ ଜୋନ

ସାକ୍ଷୀଗୋପାଳ,(ଡି.ଏନ.ଏ): ପୁରୀ ଜିଲାର ସତ୍ୟବାଦୀ ଥାନାରେ ଜଣେ କନଷ୍ଟେବଳ କରୋନା ପଜିଟିଭ ଚିହ୍ନଟ ହେଇଛନ୍ତି। ଚିହ୍ନଟ ପରେ ତାଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ସଂକ୍ରମଣ ଦୃଷ୍ଟିକୁ ରଖି ଥାନା କାର୍ଯ୍ୟାଳୟ କଣ୍ଟେନମେଣ୍ଟ ଜୋନ କରାଯାଇଛି। ସାଧାରଣ ଲୋକଙ୍କ ପ୍ରବେଶ ବାରଣ କରାଯାଇଛି। ସଂକ୍ରମିତ କନଷ୍ଟେବଳଙ୍କ ସଂସ୍ପର୍ଶ ଆସିଥିବା ଅନ୍ୟ କର୍ମଚାରୀମାନଙ୍କ ନମୁନା ସଂଗ୍ରହ କରାଯିବ ବୋଲି ସତ୍ୟବାଦୀ ବିଡିଓ ସରୋଜ କୁମାର ଦତ୍ତ କହିଛନ୍ତି। ଥାନା ଆଇଆଇସି ଦେବୀ ପ୍ରସାଦ ପାତ୍ର ଓ ଜୟପୁର ସରପଞ୍ଚ ବିଶ୍ୱଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କୋଭିଡ୍ ସଚେତନତା ନେଇ ପରାମର୍ଶ ଦେଇଥିଲେ।

# ଦଳେଇପୁଟରେ ବୋମା ମାଡ଼

**୨ ଆହତ, ଜଣେ ଗିରଫ**

ଖୋର୍ଦ୍ଧା ଅଫିସ, ୧୨।୮:

ଖୋର୍ଦ୍ଧା ସଦର ଥାନା ଅଧୀନ ଦଳେଇପୁଟ ଗ୍ରାମର ହୃଦାନନ୍ଦ ସ୍ୱାଇଁଙ୍କ ଘର ଉପରକୁ ବୋମାମାଡ଼ ହୋଇଛି। ଏଥିରେ ୨ଜଣ ଆହତ ହୋଇଛନ୍ତି। ଖବର ପାଇ ପୋଲିସ ପହଞ୍ଚି ଅଫୁଟା ବୋମା ଓ ହୃଦାନନ୍ଦଙ୍କ ଘରର କ୍ଷତିଗ୍ରସ୍ତ ଝରକାର କିଛି ଅଂଶ ଜବତ କରିଛି। ଏ ନେଇ ହୃଦାନନ୍ଦ ବୁଧବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦାଦାବଟିକୁ କେନ୍ଦ୍ର କରି ବୋମାମାଡ଼ ହୋଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ଥାନା ଅଧିକାରୀ ଅନିତା ସାହୁ କହିଛନ୍ତି, ଏ ସଂକ୍ରାନ୍ତରେ କେସ୍ ନଂ. ୧୩୮/୨୦ ରୁଜୁ ହୋଇଛି। ପୋଲିସ ସମ୍ପୃକ୍ତ ସ୍ଥାନର ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଜାରି ରଖିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ପ୍ରଦୀପ ବେହେରା ଓରଫ କାଲୁ (୨୭)। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଛାନ୍‌ଭିନ୍ ଚାଲିଛି।

ଅଭିଯୋଗରେ ଦର୍ଶାଯାଇଛି, ଦଳେଇପୁଟରେ ହୃଦାନନ୍ଦଙ୍କର ଦୁଇମହଲା କୋଠା ରହିଛି। ତଳେ ଭଡ଼ାଟିଆ ଓ ଉପର ମହଲାରେ ତାଙ୍କ ପରିବାର ରହୁଛନ୍ତି। ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ତାଙ୍କ ପରିବାର ଲୋକେ ଖାଇ ସାରି ଶୋଇବାକୁ ଯାଉଥିଲେ। ଏହି ସମୟରେ ସେହି ଅଞ୍ଚଳର ୩ଜଣ ଯୁବକ ହଠାତ୍ ବାହାର ପାଚେରି ପଟୁ ସିରିଜ୍ ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ୨ଟି ବୋମା ଝରକା କବାଟରେ ବାଜିଥିବାବେଳେ ଗୋଟିଏ ଅଫୁଟା ରହିଯାଇଥିଲା। ଭଡ଼ା ରହୁଥିବା ପରିବାରର ଦୁଇଜଣ ବ୍ୟକ୍ତି ବୋମାମାଡ଼ରେ ଆହତ ହୋଇଛନ୍ତି। କିଛିଦିନ ତଳେ ସେହି ଅଞ୍ଚଳର ଜଣେ ଦୁର୍ବୃତ୍ତ ଓ ତାଙ୍କ ସହଯୋଗୀ ହୃଦାନନ୍ଦଙ୍କ ଘର ପାଖ ଏକ ପାଚେରି ଭାଙ୍ଗି ଦେଇଥିଲେ। ପରେ ୧ ଲକ୍ଷ ଟଙ୍କା ବଟି ମାଗିଥିଲେ। ହୃଦାନନ୍ଦ ବଟି ଦେବାକୁ ମନା କରିବାରୁ ସେମାନେ ପରିବାର ଲୋକଙ୍କୁ ହତ୍ୟା ଧମକ ଦେଇଥିଲେ। ମଙ୍ଗଳବାର ପୁଣି ଥରେ ଆସି ଗାଳିଗୁଲଜ କରିବା ସହ ବଟି ମାଗିଥିଲେ। ଅମଙ୍ଗ ହେବାରୁ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ଦେଇଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଖୋର୍ଦ୍ଧା ସଦର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଏବଂ ପୋଲିସକୁ ଅପରାଧୀ ଖୋଲା ଚ୍ୟାଲେଞ୍ଜ ଦେଉଥିବା ଏହି ଘଟଣାରୁ ସ୍ପଷ୍ଟ ହେଉଛି ବୋଲି ସାଧାରଣରେ ଆଲୋଚନା ଚାଲିଛି।

## ସରପଞ୍ଚଙ୍କ ସହ କଥା ହେଲେ ଜିଲାପାଳ



ଭିଡିଓ କନ୍‌ଫରେନ୍ସରେ ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ।

**କୋଭିଡ୍ ମୁକାବିଲା ନେଇ ଆଲୋଚନା**

ଖୋର୍ଦ୍ଧା ଅଫିସ,୧୨।୮:

ଖୋର୍ଦ୍ଧା ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେଣୁ ପ୍ରଶାସନ ଚିନ୍ତିତ ହୋଇପଡ଼ିଛି। କରୋନା ନିୟନ୍ତ୍ରଣ ପାଇଁ ଆଉ ସବୁ କେଉଁ ପଦକ୍ଷେପ ନିଆଯାଇପାରିବ ସେ ନେଇ ଜିଲାପାଳ ସନତ କୁମାର ମହାନ୍ତି ବୁଧବାର ସମସ୍ତ ବିଡିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଏବଂ ସରପଞ୍ଚଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଆଲୋଚନା କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। କୋଭିଡ୍ ନିୟନ୍ତ୍ରଣ ଦିଗରେ ସରପଞ୍ଚମାନଙ୍କ କାର୍ଯ୍ୟକୁ ଜିଲାପାଳ ପ୍ରଶଂସା କରିଥିଲେ। ପଞ୍ଚାୟତ ସ୍ତରରେ ଅଧିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଏବଂ ଲକ୍‌ଡାଉନ, ଶଟ୍‌ଡାଉନ ସମୟରେ କୋଭିଡ୍ ନିୟମ ପାଳନ ଲାଗି ପରାମର୍ଶ ଦେଇଥିଲେ। କୋଭିଡ ପରିଚାଳନାରେ କାର୍ଯ୍ୟରତ ବିଭାଗୀୟ ଅଧିକାରୀ, ବିଡିଓମାନଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ସେ କହିଥିଲେ। ଏହି ଅବସରରେ କେତେଜଣ ସରପଞ୍ଚ ବିଭିନ୍ନ ପ୍ରସଙ୍ଗ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୋଭିଡ କେୟାର ହୋମରେ ଲକ୍ଷଣଯୁକ୍ତ ବ୍ୟକ୍ତି ସୁସ୍ଥ ହୋଇ ଘରକୁ ଫେରିବାର ୩-୪ ଦିନ ପରେ ରିପୋର୍ଟ ପଜିଟିଭ୍ ଆସୁଛି। ସେତେବେଳେ ସମ୍ପୃକ୍ତ ବ୍ୟକ୍ତି ଅନେକଙ୍କ ସଂସ୍ପର୍ଶରେ ଆସୁଛନ୍ତି। ଏଣୁ କୋଭିଡ୍ ହୋମ୍‌ରେ ଥିବା ସମୟରେ ରିପୋର୍ଟ ଆସିଲେ, ସଂକ୍ରମଣକୁ ରୋକାଯାଇପାରିବ। କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଉଥିବା ଅଞ୍ଚଳକୁ ବିଶୋଧନ କରାଯାଉ। କେବଳ ସଂକ୍ରମିତ ବ୍ୟକ୍ତିଙ୍କ ଘର ପରିବର୍ତ୍ତେ ସମ୍ପୂର୍ଣ୍ଣ ଗ୍ରାମକୁ ବିଶୋଧନ କରାଯିବା ଓ ପଞ୍ଚାୟତରୁ ବାହାରୁଥିବା ସଂକ୍ରମିତଙ୍କ ସମ୍ପର୍କରେ ସରପଞ୍ଚଙ୍କୁ ଅବଗତ କରାଗଲେ ଠିକ୍ ସମୟରେ ସେହି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇପାରିବ ବୋଲି ସରପଞ୍ଚମାନେ କହିଥିଲେ।

## ସଂକ୍ଷେପରେ

### ୧୬ ଯାଏ ରେଲୱେର ସ୍ୱତନ୍ତ୍ର ସ୍ୱଚ୍ଛତା ଡ୍ରାଇଭ୍

ଭୁବନେଶ୍ୱର,୧୨।୮(ବ୍ୟୁରୋ): ଚଳିତଥର ସ୍ୱତନ୍ତ୍ର ସ୍ୱାଧୀନତା ଦିବସ ପାଳନ କରିବ ଭାରତୀୟ ରେଳ ମନ୍ତ୍ରଣାଳୟ। ଏନେଇ ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ସପ୍ତାହ ବ୍ୟାପୀ ସ୍ୱତନ୍ତ୍ର ସ୍ୱଚ୍ଛତା ଡ୍ରାଇଭ୍ ୧୬ ଯାଏ ଜାରି ରହିବ। ବର୍ତ୍ତମାନ ଟ୍ରାକ୍‌ରେ କମ୍ ସଂଖ୍ୟକ ଯାତ୍ରୀବାହୀ ଟ୍ରେନ୍ ଚାଲୁଥିବାରୁ ଟ୍ରାକ୍‌ରୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ ଉପରେ ରେଳ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇଛନ୍ତି। ଏଥିସହ ଅଧିକ ସ୍ୱଚ୍ଛତା ଅବଲମ୍ବନ କରିବାକୁ ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### 'ଦାରୁଦିଅଁଙ୍କ ପାଇଁ ଗଛଟିଏ' ପିଲାଙ୍କୁ ନେଇ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ପୁରୀ ଅଫିସ,୧୨।୮: ଫନୀ ବାତ୍ୟାରେ ପୁରୀ ଜିଲାରେ ବ୍ୟାପକ ସଂଖ୍ୟାରେ ଗଛ ନଷ୍ଟ ହୋଇଥିଲା। ତେଣୁ ଶ୍ରୀକ୍ଷେତ୍ର ମାଟିରେ ପୁଣି ସବୁଜିମା ଫେରାଇ ଆଣିବା ଲାଗି 'ଆମେ ଶ୍ରୀକ୍ଷେତ୍ରବାସୀ' ଅନୁଷ୍ଠାନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଆସନ୍ତା ୧୪ ତାରିଖରେ ଗଛଟିଏ ପାଇଁ ଦିନଟିଏ କାର୍ଯ୍ୟକ୍ରମ ପୁରୀ ଜିଲା ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯିବ। ଏ ନେଇ ମଙ୍ଗଳବାର ରାଧାବଲ୍ଲଭ ମଠ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏତଦ୍‌ବ୍ୟତୀତ ପିଲାଙ୍କ ମଧ୍ୟରେ ବୃକ୍ଷରୋପଣ ନିମନ୍ତେ ସଚେତନତା ସୃଷ୍ଟି ନିମନ୍ତେ 'ଦାରୁଦିଅଁଙ୍କ ପାଇଁ ଗଛଟିଏ' ଶୀର୍ଷକ ରାଜ୍ୟସ୍ତରୀୟ ଅନ୍‌ଲାଇନ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଛି। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି ଅଭିଯାନକୁ ଆଗାମୀ ଦିନରେ ଜୋରଦାର କରାଯିବ ବୋଲି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ ଓ ଆଇନଜୀବୀ ଦୀପକ ପଣ୍ଡା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା, ମାଧବ ମହାପାତ୍ର, ପ୍ରାକ୍ତନ ବ୍ୟାଙ୍କ ଅଧିକାରୀ ଶଙ୍କର ପଣ୍ଡା, ରଙ୍ଗଶାଳା ନିର୍ଦ୍ଦେଶକ ବିକ୍ରମ ସାହୁ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### କୋଭିଡ୍ ଯୋଦ୍ଧା ଆକ୍ରୋଶର ଶିକାର

କଟକ ଅଫିସ,୧୨।୮-କରୋନା ସଂକ୍ରମିତଙ୍କୁ କୋଭିଡ୍ ହସ୍ପିଟାଲ ନେବା ପାଇଁ ସ୍ୱାସ୍ଥ୍ୟକର୍ମୀମାନେ ଆସିଥିବା ବେଳେ ସେମାନଙ୍କୁ ବିରୋଧ ହେବା ଯୋଗୁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ସିଏମ୍‌ସି ବାଉଁଶଗଳି ଅଞ୍ଚଳରେ ବୁଧବାର ଏଭଳି ସ୍ଥିତି ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିବା ଆଶାକର୍ମୀ ଓ ଖବରଦାତା ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ପରେ ଦରଘାବଜାର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଛି। ସିଏମ୍‌ସି ୧୮ ନଂ ୱାର୍ଡର ବାଉଁଶଗଳି ଅଞ୍ଚଳରେ ଗତ ମଙ୍ଗଳବାର ୧୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ସେମାନଙ୍କୁ କୋଭିଡ୍ ହସ୍ପିଟାଲ ନେବା ପାଇଁ ସ୍ୱାସ୍ଥ୍ୟକର୍ମୀ ଆସିଥିଲେ। ସଂକ୍ରମିତଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ଆମ୍ବୁଲାନ୍ସ ଆସିବା ବେଳେ ସ୍ଥାନୀୟ ଲୋକେ ସହଯୋଗ ବଦଳରେ ଯୁକ୍ତିତର୍କ କରିଥିଲେ। ସଂକ୍ରମିତମାନେ ମଧ୍ୟ ଚିକିତ୍ସା ପାଇଁ ଯିବାକୁ ରାଜି ନ ହୋଇ ସମସ୍ତଙ୍କୁ ଛୁଇଁବାକୁ ଧମକ ଦେଇଥିଲେ।

# ଧରାପଡ଼ିଲା ଧରମଭାଇ-ଭଉଣୀ ଗ୍ୟାଙ୍ଗ




■ ଲେଡି ଲୁଟେରା ସହ ୪ ସହଯୋଗୀ ଗିରଫ
■ ଖଣ୍ଡା, ଛୁରି, ବାଇକ୍ ଓ ଚୋରି ସାମଗ୍ରୀ ଜବତ

ଭୁବନେଶ୍ୱର, ୧୨।୮(ବ୍ୟୁରୋ):

କମିଶନରେଟ ପୋଲିସକୁ ଚକ୍‌ମା ଦେଖାଇ ରାଜଧାନୀରେ ଉତ୍ପାତ କରୁଥିଲେ ଜଣେ ଲେଡି ଲୁଟେରା। ଗ୍ୟାଙ୍ଗ୍ ଗଢ଼ି ସହରରେ ଲୁଟ୍‌ପାଟ କରୁଥିଲେ। ଧରମ ଭାଇ-ଭଉଣୀ ଗ୍ୟାଙ୍ଗ୍ ନାଁରେ ପରିଚିତ ଏହି ଗ୍ୟାଙ୍ଗ୍ ଶେଷରେ ଖଣ୍ଡଗିରି ପୋଲିସ ହାତରେ ଧରାପଡିଛି। ପୋଲିସ ଗ୍ୟାଙ୍ଗ୍‌ର ପ୍ରିୟଙ୍କା ମହାନ୍ତି (୨୪), ରାହୁଲ ମହାନ୍ତି (୧୯) ଓ ନାରାୟଣ ଜେନାଙ୍କ ସହ ଜଣେ ନାବାଳକଙ୍କୁ ଧରି ସେମାନଙ୍କଠାରୁ ୨ଟି ଖଣ୍ଡା, ଗୋଟିଏ ଛୁରୀ, ୩ଟି ବାଇକ୍, ୮ ମୋବାଇଲ୍ ଫୋନ୍ ଆଦି ବିଭିନ୍ନ ସାମଗ୍ରୀ ଜବତ କରିଛି। ଏନେଇ ଏକ ମାମଲା ରୁଜୁ କରାଯାଇ ଲେଡି ଲୁଟେରାଙ୍କ ସମେତ ୩ଜଣଙ୍କୁ କୋର୍ଟ ଚାଲାଣ କରିଥିବାବେଳେ ନାବାଳକଙ୍କୁ ସୁଧାର ଗୃହକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନାନୁସାରେ, ସମସ୍ତ ଅଭିଯୁକ୍ତଙ୍କ ଘର ଗଞ୍ଜାମ ଜିଲା ପୋଲସରା ଥାନା ଅଞ୍ଚଳରେ। ସେମାନେ ଭରତପୁର ତାରିଣୀ ମାର୍କେଟ ପଛପାର୍ଶ୍ୱରେ ଥିବା ପ୍ଲଟ ନଂ.୨୪୧୭ରେ ରହୁଥିଲେ। ଗିରଫ ନାରାୟଣଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୨୧ ମାମଲା ରହିଛି। ରାହୁଲ ଓ ସମ୍ପୃକ୍ତ ନାବାଳକଙ୍କ ନାମରେ ୩ଟି ଲେଖାଏ ମାମଲା ରହିଛି। ପ୍ରିୟଙ୍କା କେଉଁସବୁ ଅପରାଧରେ ସମ୍ପୃକ୍ତ ଅଛନ୍ତି ତାହା ଖୋଳତାଡ଼ କରୁଛି ପୋଲିସ। ଏହି ଗ୍ୟାଙ୍ଗ ଗତ ୮ ତାରିଖ ଭୋର୍ ପ୍ରାୟ ୪ଟା ୨୦ରେ ବରମୁଣ୍ଡାର ସନ୍ତୋଷ କୁମାର ପଣ୍ଡାଙ୍କୁ ଛୁରି ଦେଖାଇ ମନି ପର୍ସ ଓ ମୋବାଇଲ ଫୋନ୍ ଲୁଟି ନେଇଥିଲେ। ସେହିଦିନ ସକାଳେ ସୌଭାଗ୍ୟନଗର ପୂର୍ଣ୍ଣଚନ୍ଦ୍ର ସାହୁଙ୍କଠାରୁ ମୋବାଇଲ ଓ ମନିପର୍ସ ଲୁଟି ନେଇଥିଲେ। ସେହିପରି କଳିଙ୍ଗ ଷ୍ଟୁଡିଓ ରୋଡ୍‌ରେ ସନ୍ତୋଷ ନାୟକଙ୍କଠାରୁ ଲୁଟପାଟ କରିଥିଲେ। ଲୁଟ ସାମଗ୍ରୀକୁ ଭରତପୁରରେ ରହୁଥିବା ପ୍ରିୟଙ୍କାଙ୍କ ଘରେ ଲୁଚାଇ ରଖୁଥିଲେ। ଏହାକୁ ପରେ ପ୍ରିୟଙ୍କା ଚୋରାରେ କମ୍ ମୂଲ୍ୟରେ ଲୋକଙ୍କୁ ବିକ୍ରି କରୁଥିଲେ। ମଙ୍ଗଳବାର ରାତିରେ ଏହି ଗ୍ୟାଙ୍ଗର ୩ଜଣ ସଦସ୍ୟ ବାଇକ ନେଇ ଲୁଟ କରିବାକୁ ଯାଉଥିବାବେଳେ ଭରତପୁରରେ ଚେକିଂ କରୁଥିବା ପୋଲିସ ହାତରେ ଧରାପଡ଼ିଥିଲେ। ସେମାନଙ୍କୁ ଥାନାକୁ ନିଆଯାଇ ପଚରାଉଚରା ପରେ ଗ୍ୟାଙ୍ଗ୍ ସମ୍ପର୍କରେ ପୋଲିସ ସୁରାକ ପାଇଥିଲା। ପରେ ପୋଲିସ ପ୍ରିୟଙ୍କାଙ୍କୁ ଗିରଫ କରିବା ସହ ତାଙ୍କ ଘରୁ ଚୋରି ସାମଗ୍ରୀ ଆଦି ଜବତ କରିଥିଲା।

## ନୂଆ ରୂପରେ କମିଶନରେଟ ପୋଲିସ୍ ୱେବ୍ ସାଇଟ୍

### ଉନ୍ମୋଚନ କଲେ ପୋଲିସ ଡିଜି

ଭୁବନେଶ୍ୱର, ୧୨।୮(ବ୍ୟୁରୋ):

ବଦଳିଲା କମିଶନରେଟ ପୋଲିସ ୱେବ୍ ସାଇଟ୍‌ର ରୂପରେଖ। ପୁରୁଣା ସାଇଟ୍‌କୁ ରି-ଡିଜାଇନ୍ କରାଯାଇ ବୁଧବାର ନୂଆ ରୂପରେ କାର୍ଯ୍ୟକ୍ଷମ କରାଯାଇଛି। କମିଶନରେଟ ପୋଲିସ ମୁଖ୍ୟାଳୟରେ ବୁଧବାର ପୋଲିସ ଡିଜି ଅଭୟ ଏହାକୁ ଉନ୍ମୋଚନ କରିଛନ୍ତି। ୨୦୦୯ରୁ କାର୍ଯ୍ୟ କରୁଥିବା କମିଶନରେଟ ପୋଲିସର ପୁରୁଣା ୱେବ୍ ସାଇଟ୍ ମାଧ୍ୟମରେ ସେବା ମିଳିବାରେ କିଛିଟା ସମସ୍ୟା ହେଉଥିଲା। ଏବେ ଏଥିରେ ଅତ୍ୟାଧୁନିକ ଢାଞ୍ଚା ଦିଆଯାଇଛି। ଏବେ ଏହାକୁ ସାଧାରଣ ଲୋକେ ଅତି ସହଜରେ ଖୋଲି ପାରିବେ। ପୁରୁଣା ୱେବ୍‌ସାଇଟ୍‌ର ସୁରକ୍ଷା ସାର୍ଟିଫିକେଟ ଦୁର୍ବଳ ଥିଲା। ତେଣୁ ସାଇବର ଠକଙ୍କଠାରୁ ବର୍ତ୍ତିବା ପାଇଁ ଆବଶ୍ୟକତା ଅନୁଯାୟୀ ସିକ୍ୟୁରିଟି ଅଡିଟ ଦିଆଯାଇଛି। ଏହି ନୂତନ ୱେବ୍‌ସାଇଟ୍‌ରେ ପ୍ରଚାର ପରିବର୍ତ୍ତେ ସେବା ବିତରଣର ଏକ ପ୍ଲାଟଫର୍ମ କରିବାକୁ ପ୍ରୟାସ କରାଯାଇଛି ବୋଲି ପୋଲିସ ଡିଜି ଅଭୟ କହିଛନ୍ତି। ନୂଆ ୱେବ୍‌ସାଇଟରେ ଏକାଧିକ ଫିଚର ରହିଛି। ରାଲି, ଧାରଣା ଅନୁମତି ପାଇଁ ଆବେଦନ କରିହେବ, ଲାଉଡ୍ ସ୍ପିକର ବଜାଇବା ପାଇଁ ଅନୁମତି, ଇଭେଣ୍ଟ ପାଇଁ ଆବେଦନ କରିପାରିବେ ଲୋକେ। ଏଥିସହ ଏଥିରେ ଅନ୍‌ଲାଇନ୍ ବାଇକ ଚୋରି ସମ୍ବନ୍ଧୀୟ ଓ ନିଖୋଜ ଅଭିଯୋଗ କରିହେବ। ନିଜର କ୍ୟାରେକ୍ଟର ଭେରିଫିକେଶନ ମଧ୍ୟ କରିହେବ। ସବୁଠୁ ବଡ଼ କଥା ହେଲା ପୂର୍ବରୁ ଓଡ଼ିଶା ପୋଲିସର ଥିବା ସିଟିଜେନ୍ ପୋର୍ଟାଲ ଏବଂ ସିସିଟିଏନ୍‌ଏସ୍ ସହିତ ଏହାକୁ ଲିଙ୍କ୍ କରାଯାଇଛି। ଯଦି କେହି ବ୍ୟକ୍ତି ଅଭିଯୋଗ କରିବାକୁ ଚାହାଁନ୍ତି, ସେମାନେ କମିଶନରେଟ ପୋଲିସର ଏହି ନୂତନ ୱେବ୍ ସାଇଟରେ ତଥ୍ୟ ପାଇପାରିବେ। ଲୋକାଦୃତ ପାଇଁ ସୋସିଆଲ ମିଡ଼ିଆ ସହ ଏହି ସାଇଟ୍‌କୁ ଲିଙ୍କ୍ କରାଯାଇଛି। ଆଗାମୀ ଦିନରେ ଏହି ସାଇଟ୍‌ରେ ଆହୁରି ଅନେକ ସୁବିଧା ଉପଲବ୍ଧ କରାଯିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ କହିଛନ୍ତି।

# ଶ୍ରୀମନ୍ଦିରରେ ସରିଲା ନନ୍ଦୋତ୍ସବ

**ଶୁକ୍ରବାର ଠାକୁରଙ୍କ ବନଭୋଜି ବେଶ**

ପୁରୀ ଅଫିସ,୧୨।୮:

ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ପରେ ବୁଧବାର ଶ୍ରୀମନ୍ଦିରରେ ନନ୍ଦୋତ୍ସବ ପାଳିତ ହୋଇଛି। ମଙ୍ଗଳ ଆଳତି ବଢ଼ିବା ପରେ ରାମକୃଷ୍ଣଙ୍କୁ ଜଗମୋହନ ଦୋଳିରେ ବିଜେ କରାଯାଇଥିଲା। ଦକ୍ଷିଣଘରୁ ମଦନମୋହନ ଆସି ସେହି ଦୋଳିରେ ବିଜେ ହୋଇଥିଲେ। ମହାସ୍ନାନ ନୀତି ପରେ ଦେବୀ ସୁଭଦ୍ରାଙ୍କୁ ଆଜ୍ଞାମାଳ, କର୍ପୁର ଲାଗି କରାଯାଇଥିଲା। ମଧ୍ୟାହ୍ନ ଧୂପ ନୀତି ବଢ଼ି ୩ ବାଡ଼ରେ ବନ୍ଦାପନା ପରେ ଅନ୍ୟାନ୍ୟ ନୀତି କରାଯାଇ ଦେବୀ ଦୁର୍ଗାଙ୍କୁ ଜଗମୋହନ ଦୋଳି ସମ୍ମୁଖ ଖଟୁଲିରେ ବିଜେ କରାଯାଇଥିଲା। ସେଠାରେ ମହାସ୍ନାନ ଓ ଶୀତଳ ଭୋଗ ନୀତି ହୋଇଥିଲା। ଦେବୀ ଦୁର୍ଗା ସାତପାହାଚ ଦ୍ୱାର ଡମ୍ବୁରୁ ଉପରକୁ ବିଜେ ପରେ ବିଜୁଳି କନ୍ୟା ନୀତି ସମ୍ପନ୍ନ ହୋଇ ଭଣ୍ଡାରକୁ ଦେବୀ ବାହୁଡ଼ା ବିଜେ କରିଥିଲେ। ଏହାପରେ ରାମ, କୃଷ୍ଣ ଓ ମଦନମୋହନ ଦୋଳିରୁ ଓହ୍ଲାଇ ଖଟକୁ ବିଜେ କରିଥିଲେ। ସେଠାରୁ ପାଲିଙ୍କିରେ ଯାଇ ଲକ୍ଷ୍ମୀମନ୍ଦିର ଜଗମୋହନ ଖଟରେ ବିଜେ ହୋଇଥିଲେ। ଭିତରଚ୍ଛ ମହାପାତ୍ର ନନ୍ଦ ରାଜା ଭାବେ ଶ୍ରୀନଅରକୁ ଯାଇ ଫେରିଆସି ସ୍ନାନ ମଣ୍ଡପରେ ବସିଥିଲେ। ଭରତିଆ ଗୌଡ଼ ପୁତ୍ର ଜନ୍ମ ହେବା ଖବର ଦେବା ସହିତ ନନ୍ଦ ରାଜାଙ୍କ ଲୁଗା ଫେରକୁ ଭିଡ଼ି ଭିଡ଼ି ଲକ୍ଷ୍ମୀ ମନ୍ଦିରକୁ ନେଇଥିଲେ। ସେଠାରେ ନନ୍ଦରାଜା ପୁତ୍ରଙ୍କୁ ଦୁଗ୍ଧ ସମର୍ପଣ ଓ ବନ୍ଦାପନା କରିଥିଲେ। ପରେ ପୁଅମାନଙ୍କୁ (ରାମ, କୃଷ୍ଣ ଓ ମଦନ ମୋହନ) ଧରି ଜଗମୋହନ ଦୋଳିକୁ ବିଜେ କରିଥିଲେ। ଦୋଳିରୁ ଠାକୁରମାନେ ଦକ୍ଷିଣ ଘରକୁ ବିଜେ ହୋଇଥିଲେ। ଶୁକ୍ରବାରଠାରୁ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ନୀତି ହେବ। ଶୁକ୍ରବାର ଠାକୁରଙ୍କ ବନଭୋଜି ବେଶ ହେବ। ଶ୍ରୀକୃଷ୍ଣ ବକାସୁର ଏବଂ ଅର୍ଘାସୁରକୁ ବଧ କରିବେ।

## ନନ୍ଦୋତ୍ସବରେ ଉଠିଲା ମାଟି

କଟକ ଅଫିସ,୧୨।୮

କଟକଣା ଭିତରେ ବିଭିନ୍ନ ପୂଜା କମିଟି ବୁଧବାର ମୃଣ୍ମୟୀଙ୍କ ପାଇଁ ମାଟି ଉଠାଇଛନ୍ତି। ନନ୍ଦୋତ୍ସବ ତିଥିରେ ନିମସାହି ପୂଜା କମିଟି ପକ୍ଷରୁ କାଠଯୋଡ଼ି ଦେବୀଗଡ଼ା ଘାଟରେ ମାଟି ଅନୁକୂଳ କରାଯାଇଛି। କମିଟି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ମହେଶ୍ୱର ସେଠୀ, ଉପସଭାପତି ଅମର ସେଠୀ, ସନ୍ତୋଷ ସେଠୀ, ସାଧାରଣ ସମ୍ପାଦକ ପ୍ରଦୀପ ମହାରଣା, ସଙ୍ଗଠନ ସମ୍ପାଦକ ଚନ୍ଦନ ଦାସ, ସହ ସମ୍ପାଦକ ହେମନ୍ତ ସେଠୀ ଉପସ୍ଥିତ ଥିଲେ। ସେହିପରି ହରିପୁର ଦୋଳମୁଣ୍ଡାଇ ପୂଜାକମିଟି ପକ୍ଷରୁ କାଠଯୋଡ଼ି କୂଳରୁ ମାଟି ଅନୁକୂଳ ହୋଇଥିଲା। ଏଥିରେ କମିଟି ସଭାପତି ପ୍ରଦୀପ ମୂଳିଆ, ସାଧାରଣ ସମ୍ପାଦକ ଲିଙ୍ଗରାଜ ହାତୀ, ମୁଖ୍ୟ ପୁରୋହିତ ପଣ୍ଡିତ ଦୟାନିଧି ଶତପଥୀ, ଦୀପକ ଶତପଥୀ, କାବୁଲି ମୂଳିଆ, ଗ୍ରାମ ଅଧିକାରୀ ହରେକୃଷ୍ଣ ପ୍ରଧାନ, କ୍ଷୀରୋଦ ଚନ୍ଦ୍ର ମହାରଣା ସହଯୋଗ କରିଥିଲେ। ନୂଆପଡ଼ା ଦୁର୍ଗାପୂଜା କମିଟି ପକ୍ଷରୁ ମାଟିଉଠା ପର୍ବରେ ସଭାପତି ସରୋଜ ଦାସ, ସମ୍ପାଦକ ମାନସ ନାୟକ, ଉପସଭାପତି ପୁରୁଷୋତ୍ତମ ଲେଙ୍କା, ସହ ସମ୍ପାଦକ ମାନସ ରଞ୍ଜନ ରାଉତରାୟ, କୋଷାଧ୍ୟକ୍ଷ ରାଜେଶ୍ୱର ପଶାୟତ ସାମିଲ ଥିଲେ। ସେହିପରି ଶ୍ରୀବିହାର ପୂଜା କମିଟି ପକ୍ଷରୁ ସାହି ମୁରବି, ଯୁବସେବା ସଂଘ କର୍ମକର୍ତ୍ତା ମହାନଦୀ କୂଳରୁ ମାଟି ଉଠାଇଛନ୍ତି। ଏଥିରେ ସାହି କାର୍ଯ୍ୟକାରୀ ସଭାପତି ସୁକାନ୍ତ ଦାସ, ସମ୍ପାଦକ ପ୍ରଫୁଲ୍ଲ ପଣ୍ଡା ଉପସ୍ଥିତ ଥିଲେ। ବିଦ୍ୟାଧରପୁର ପୂଜା କମିଟିର ମାଟିଉଠା କାର୍ଯ୍ୟକ୍ରମରେ ନୃସିଂହ ସାହୁ, ଶରତ ପଣ୍ଡା, ରାଜେନ୍ଦ୍ର ଚୌଧୁରୀ, ସୁରେନ୍ଦ୍ର ବେହେରା, ଦିଲ୍ଲୀପ ମହାରଣା ଯୋଗ ଦେଇଥିଲେ। ଜଗତପୁର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମାଟିଉଠା ପର୍ବ ମହାନଦୀ-ବିରୁପା ନଦୀର ତ୍ରିକୋଣସ୍ଥଳରେ ଅନୁଷ୍ଠିତ ହୋଇଛି। ପରୀକ୍ଷିତ ପାରି, ରଘୁନାଥ ହୋତା ପୂଜାକାର୍ଯ୍ୟ ସମ୍ପାଦନ ଓ ଦିଲ୍ଲୀପ ଚଇନି କର୍ତ୍ତା ରହିଥିଲେ। ଏଥିରେ ଅନୁଷ୍ଠାନ ସଭାପତି ବିରଞ୍ଚି ନାରାୟଣ ସାମଲ, ସମ୍ପାଦକ ଧୀରେନ୍ଦ୍ର ମହାନ୍ତି, ଉପସଭାପତି ଚିତ୍ତରଞ୍ଜନ ଦାସ, ମୁଖ୍ୟ ଉପଦେଷ୍ଟା କରୁଣାକର ଦାସ ଉପସ୍ଥିତ ଥିଲେ।

# ସଂସ୍କୃତ ସାହିତ୍ୟ ଜୀବନ ଜୀବିକାର ମାର୍ଗଦର୍ଶକ

ପୁରୀ ଅଫିସ,୧୨।୮:

ସଂସ୍କୃତ ଭାଷା ଓ ଏହାର ସାହିତ୍ୟ ସଂସାରର ମଙ୍ଗଳ କରିଥାଏ। ଏଥିରେ ଥିବା ଆୟୁର୍ବେଦ, ଯୋଗ ପ୍ରଭୃତି ଶାସ୍ତ୍ରଗୁଡ଼ିକ ସୁସ୍ଥ ରହିବା ପାଇଁ ଉପାୟ କହିଥିବାବେଳେ ଜ୍ୟୋତିଷ ଓ ଗାନ୍ଧର୍ବାଦି ଚତୁଃଷଷ୍ଠୀ କଳା ଜୀବିକାର ମାର୍ଗଦର୍ଶନ କରାଇଥାନ୍ତି ବୋଲି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାହିତ୍ୟ ବିଭାଗ ପକ୍ଷରୁ ଗୁଗଲ ମିଟ୍ ମାଧ୍ୟମରେ ମଙ୍ଗଳବାର ଆୟୋଜିତ ସଂସ୍କୃତ ଦିବସ ମହୋତ୍ସବରେ ବକ୍ତାମାନେ କହିଛନ୍ତି। ସାହିତ୍ୟ ବିଭାଗର ମୁଖ୍ୟ ଡ. ବସନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା ଉଦ୍‌ଘାଟନ କରିଥିଲେ। କୁଳପତି କହିଥିଲେ ଏହି ଭାଷା ଓ ସାହିତ୍ୟ ବହୁଜନ ହିତାୟର କଥା କହୁଥିବାବେଳେ ଏହାର ବ୍ୟାକରଣ ସମ୍ପୂର୍ଣ୍ଣ ବିଜ୍ଞାନସମ୍ମତ। ମୁଖ୍ୟଅତିଥି ଭାବେ ଝାଡ଼ଖଣ୍ଡ କୋଲାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗଙ୍ଗାଧର ପଣ୍ଡା ଯୋଗଦେଇ ମନୁଷ୍ୟ ଭୋଗବାଦୀ ନ ହୋଇ ଆଧ୍ୟାତ୍ମବାଦୀ ହେବା ଦରକାର ବୋଲି କହିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ଆଚାର୍ଯ୍ୟ ପ୍ରଫେସର ବ୍ରଜକିଶୋର ନାୟକ ଆତ୍ମଜ୍ଞାନର ଉଦ୍ରେକରେ ସୁଖ ମିଳିଥାଏ ବୋଲି କହିଥିଲେ। ସମ୍ମାନିତ ବକ୍ତା ଗୁଜରାଟ ବରୋଦାର ମହାରାଜା ସୈୟାଜୀ ରାଓ ବିଶ୍ୱବିଦ୍ୟାଳୟର ପାଲିପ୍ରାକୃତ ଓ ସଂସ୍କୃତ ବିଭାଗର ଆଚାର୍ଯ୍ୟ ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ସଂସ୍କୃତ ଛାତ୍ରୀଛାତ୍ରଙ୍କୁ ଉଚ୍ଚାଭିଳାଷୀ ହେବାକୁ ପରାମର୍ଶ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶଠକୋପ ତାତାଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ନୀଳାମ୍ବର ବାଘ ସ୍ୱାଗତ ଭାଷଣ ଦେଇଥିବାବେଳେ ଛାତ୍ରୀ ରୋଜାଲିନ ମିଶ୍ର ମଙ୍ଗଳାଚରଣ ପାଠ କରିଥିଲେ। ଆରମ୍ଭରେ ବିଶ୍ୱବିଦ୍ୟାଳୟର କୁଳ ସଙ୍ଗୀତ ଗାନ କରାଯାଇଥିଲା। ଅଧ୍ୟାପକ ଡ. ଦେବାଶିଷ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଶ୍ରମିକ ସ୍ପେଶାଲରେ ଫେରିଛନ୍ତି ୨.୪୨ ଲକ୍ଷ

ଜଟଣୀ,୧୨।୮(ଡି.ଏନ.ଏ):

କରୋନା ସମୟରେ ଖୋର୍ଦ୍ଧାରୋଡ୍ ରେଳଡିଭିଜନ ପକ୍ଷରୁ ଯୋଗାଇ ଦିଆଯାଇଥିବା ବିଭିନ୍ନ ସୁବିଧା ଓ ହୋଇଥିବା କାର୍ଯ୍ୟକ୍ରମ ଉପରେ ବୁଧବାର ଏକ ୱେବିନାର କରିଥିବା ଡିଆର୍‌ଏମ ଶଶିକାନ୍ତ ସିଂ ସୂଚନା ଦେଇଛନ୍ତି। ୨୦୪ ଶ୍ରମିକ ସ୍ପେଶାଲ ଟ୍ରେନ୍‌ରେ ୨ ଲକ୍ଷ ୪୨ ହଜାର ୬୫ ଜଣ ପ୍ରବାସୀ ଶ୍ରମିକ ରାଜ୍ୟକୁ ଫେରିଥିବା ସେ କହିଥିଲେ। ଏମାନଙ୍କୁ ମଧ୍ୟାହ୍ନ ଓ ରାତ୍ରିକାଳୀନ ଭୋଜନ ବ୍ୟବସ୍ଥା, ଲକ୍‌ଡାଉନ୍ ବେଳେ ଷ୍ଟେଶନ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆଶ୍ରୟ ନେଇଥିବା ଦୁଃସ୍ଥ ଓ ନିରାଶ୍ରୟଙ୍କୁ ରନ୍ଧାଖାଦ୍ୟ ବଣ୍ଟନ, ୨୦୦ ପାର୍ସଲ ସ୍ପେଶାଲ ଏକ୍ସପ୍ରେସ୍ ଟ୍ରେନ୍‌ରେ ଦେଶର ବିଭିନ୍ନ ପ୍ରାନ୍ତଃକୁ ଯୋଗାଇବା, ରେଳୱେ ମେଡିକାଲ ଟିମ୍ ଦ୍ୱାରା ଶ୍ରମିକ ସ୍ପେଶାଲ ଟ୍ରେନ୍‌ରେ ଜଣେ ମହିଳାଙ୍କର ନିରାପଦ ପ୍ରସବ କରାଯିବା, ଗରିବ କଲ୍ୟାଣ ଯୋଜନାରେ ୫୧୪ଜଣ ପ୍ରବାସୀଙ୍କୁ ବିଭିନ୍ନ ରେଳୱେ ପ୍ରକଳ୍ପରେ କାର୍ଯ୍ୟଯୋଗାଣ ସହ ୧୬୯ଟି ଟ୍ରେନ୍‌ର କୋଚ୍‌କୁ କୋଭିଡ୍ କୋଚ୍‌ରେ ପରିବର୍ତ୍ତନ, ଜଟଣୀସ୍ଥିତ ରେଲୱେ ହସ୍ପିଟାଲରେ କୋଭିଡ ୱାର୍ଡ ବ୍ୟବସ୍ଥା, ବିଭିନ୍ନ ଷ୍ଟେଶନରେ କୋଭିଡ ହେଲ୍ପ ଡେସ୍କ, ଡିଭିଜନ ପକ୍ଷରୁ କର୍ମଚାରୀଙ୍କ ଦ୍ୱାରା ୧୫ ହଜାରରୁ ଅଧିକ ମାସ୍କ ପ୍ରସ୍ତୁତ ଆଦି ନିଆଯାଇଥିବା ଅନେକ କାର୍ଯ୍ୟକ୍ରମ ଓ ପଦକ୍ଷେପ ଉପରେ ସେ ସୂଚନା ଦେଇଥିଲେ। ଏହି ସମୟରେ ମାଲ୍ ପରିବହନ ପାଇଁ ଉତ୍ସର୍ଗୀକୃତ ହରିଦାସପୁର-ପାରାଦୀପ ନୂଆ ରେଳଲାଇନ୍, ଖୋର୍ଦ୍ଧାରୋଡ୍ ଡିଭିଜନ ଅନ୍ତର୍ଗତ ବିଭିନ୍ନ ଗୁଡ୍‌ସ ସେଡ୍‌ର ଉନ୍ନତୀକରଣ, ପ୍ରମୁଖ ଷ୍ଟେଶନଗୁଡ଼ିକରେ ସୋଲାର ପ୍ୟାନେଲ ସ୍ଥାପନ, ବିଭିନ୍ନ ଷ୍ଟେଶନରେ ଲିଫ୍ଟ ଓ ଅନ୍ୟାନ୍ୟ ପ୍ରାବଧାନ ଉପରେ ସେ କହିଥିଲେ। ସେହିପରି ଏହି ଡିଭିଜନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଭୁବନେଶ୍ୱର-ନୟାଗଡ଼ ଟାଉନ୍ ସେବା ଏକ୍ସପ୍ରେସ୍ ପ୍ରଚଳନ, ମହିପୁର ପର୍ଯ୍ୟନ୍ତ ଯାତ୍ରୀବାହୀ ଟ୍ରେନ୍‌ର ସମ୍ପ୍ରସାରଣ, ପଣ୍ୟ ଲୋଡିଂ, ଯାତ୍ରୀ ପରିବହନ, ରାଜସ୍ୱ ଆଦାୟ ଆଦି ବିଭିନ୍ନ ସୁବିଧା ଉପରେ ଡିଆର୍‌ଏମ୍ ସିଂ ସୂଚନା ଦେଇଥିଲେ। ଏହି ୱେବିନାରରେ ଡିଭିଜନର ବରିଷ୍ଠ ବାଣିଜ୍ୟ ପ୍ରବନ୍ଧକ ଅମିତେଷ ଆନନ୍ଦ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


## CLASSIFIED DISPLAY

MORE SPACE • SAME PRICE

TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

BANDHAN FINANCE
(Regd No -1125124)
Bandhan ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ ଋଣ ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ
50% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8813813462

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅକ୍ଟବେରେ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ - ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାମ୍ପିନ, ଭୁବନେଶ୍ୱର
9773820765
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ 2 ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠକରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡ଼ା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର।
9910560681

**କୋଭିଡ୍ ନିୟମ ମାନି ଖୋଲୁ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ**

ପୁରୁଣା ଭୁବନେଶ୍ୱର,(ଡି.ଏନ୍.ଏ): ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ସରକାର ଲକ୍‌ଡାଉନ ଓ ଶଟ୍‌ଡାଉନ ଘୋଷଣା ଜାରି ରଖିଛନ୍ତି। ଏହାସହ ଜୀବିକାକୁ ମଧ ଗୁରୁତ୍ୱ ଦେଇ ନିୟମରେ କିଛିଟା କୋହଳ କରିଛନ୍ତି। କିନ୍ତୁ ୫ମାସରୁ ଊର୍ଦ୍ଧ୍ୱ ହେବ ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନ ଖୋଲାଯାଇ ନାହିଁ। ତେବେ ଏହାକୁ ଦୃଷ୍ଟିରେ ରଖି ଅନ୍ୟ ଦୋକାନ ବଜାର ଖୋଲିବାରେ ଯେପରି କୋଭିଡ୍-୧୯ ଗାଇଡ୍‌ଲାଇନ ମାନିବାକୁ ବାଧ କରାଯାଇଛି। ସେହିପରି ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନଗୁଡ଼ିକ ମଧ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଖୋଲିବାରେ ଅନୁମତି ଦେବାକୁ ଏକାମ୍ର ଜନଜାଗରଣ ମଞ୍ଚ ବୁଧବାର ଦାବି କରିଛି।



## ସଂକ୍ଷେପରେ

### ଆକ୍ରାନ୍ତଙ୍କଠୁ ଆରୋଗ୍ୟ ଅଧିକ

**କଟକ ଅଫିସ,୧୨।୮:** କଟକ ଜିଲାରେ ଅଗଷ୍ଟ ମାସରେ କରୋନା ସଂକ୍ରମଣ ବଢ଼ିବା ସହ ଆରୋଗ୍ୟଙ୍କ ସଂଖ୍ୟା ମଧ ବୃଦ୍ଧି ପାଉଛି। ବୁଧବାର ଜିଲାରେ ୧୨୬ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୭୪ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିରୁ କଟକ ସହରର ୫୯ ଜଣ ରହିଛନ୍ତି। ସହରରେ ଚିହ୍ନଟଙ୍କ ମଧରୁ ମାଛୁଆ ବଜାରରୁ ସର୍ବାଧିକ ୧୧ ଜଣ ଥିବାବେଳେ ମାଲଗୋଦାମ ଆର୍‌ପିଓ ବାରାକରୁ ୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପ୍ରଫେସରପଡ଼ା, ବକ୍ସିବଜାର ଓ ନୟାସଡ଼କ ଅଞ୍ଚଳରୁ ୩ ଜଣ ଲେଖାଏ, ନୂଆବଜାରରୁ ୪ ଜଣ ପଜିଟିଭ ବାହାରିଛନ୍ତି। ଉକ୍ତ ୪ଜଣଙ୍କ ମଧରୁ ୨ଜଣ ସ୍ଥାନୀୟ ଆକ୍ରାନ୍ତ ଓ ଅନ୍ୟ ୨ ଜଣ ନୂଆବଜାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ଅଟନ୍ତି। ବାଙ୍କିସାହି, ତେଲେଙ୍ଗାବଜାର, କଲେଜ ଛକ, ଦିୱାନ ବଜାର ଚଣ୍ଡିଛକରୁ ୨ଜଣ ଲେଖାଏ ପଜିଟିଭ ଚିହ୍ନଟ ହୋଇଛନ୍ତି। ଗ୍ରାମାଞ୍ଚଳରେ ଆଠଗଡ଼ରୁ ୧୧, କଣ୍ଟାପଡ଼ା, ଚୌଦ୍ୱାର, କଟକ ସଦର ଓ ସାଲେପୁରରୁ ଜଣେ ଲେଖାଏ ପଜିଟିଭ ବାହାରିଥିବା ଜିଲା ପ୍ରଶାସନ ସୂଚନା ଦେଇଛି।

### ମାନବାଧିକାର କର୍ମୀଙ୍କ ସହ ୪ ଜଣିଆ ଟିମର ତଦନ୍ତ

#### ୨୭ଜଣଙ୍କୁ ପୋଲିସ ଉଠାଇନେବା ଘଟଣା

**ଗୋପ,୧୨।୮(ଡି.ଏନ୍.ଏ.):** ଗୋପ ପୋଲିସକୁ ରେଢୁଆ ଗାଁ ଲୋକେ ୫ଘଣ୍ଟା ଅଟକ ରଖିବା ପରେ ପୋଲିସ ୨୭ ଜଣଙ୍କୁ ଗିରଫ କରିବା ଘଟଣାରେ ବୁଧବାର ମାନବାଧିକାର କର୍ମୀ ପ୍ରଦୀପ ନାୟକଙ୍କ ସହ ଏକ ୪ ଜଣିଆ ଟିମ ରେଢୁଆ ଗାଁ ପରିଦର୍ଶନ କରିଛନ୍ତି। ପରେ ଏହି ଟିମ ଥାନାକୁ ଯାଇ ଥାନାଧିକାରୀ ସୁଧୀର କୁମାର ସାହୁଙ୍କ ସହ କଥା ହୋଇ ଫେରିଛନ୍ତି। ସୂଚନାଯୋଗ୍ୟ, ଗତ ୧୦ ତାରିଖ ଦିନ ଗୋପ ପୋଲିସ ରେଢୁଆ ଗ୍ରାମକୁ ଏକ ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଧରି ଆଣୁଥିବାବେଳେ ଗ୍ରାମବାସୀ ୫ ଘଣ୍ଟା ଅଟକ ରଖିଥିଲେ। ଏହି ଘଟଣାକୁ ନେଇ ସୋମବାର ପୋଲିସ ଗ୍ରାମର ୧୯ ମହିଳାଙ୍କ ସମେତ ୨୭ଜଣଙ୍କୁ ଗିରଫ କରି ଏକାଧିକ ମାମଲା ଲଗାଇ ହାଜତକୁ ପଠାଇଥିଲା। ପୋଲିସର ଏଭଳି ଘଟଣାକୁ ନେଇ ବୁଧବାର ମାନବାଧିକାର କର୍ମୀ ପ୍ରଦୀପ ନାୟକ, ସୁବାସ ନାୟକ ସହିତ ଆଉ ୨ଜଣ ବ୍ୟକ୍ତି ପହଞ୍ଚି ସମସ୍ତ ଘଟଣା ସମ୍ପର୍କରେ ଗ୍ରାମବାସୀଙ୍କଠାରୁ ପଚାରି ବୁଝିଥିଲେ। ଏବେ ଏହି ଗାଁ ପୁରୁଷ ଶୂନ୍ୟ ଥିବାବେଳେ ଚାଷ କାର୍ଯ୍ୟ ମଧ ବନ୍ଦ ରହିଥିବା ଅଭିଯୋଗ ହୋଇଛି। ସେହିପରି ଅପରାହ୍ନରେ କୋଣାର୍କ ମହିଳା ସଙ୍ଗଠନ ସଭାପତି ମିନର୍ଭା ରାଉତଙ୍କ ନେତୃତ୍ୱରେ ଏକ ନେତୃମଣ୍ଡଳୀ ରେଢୁଆ ଗାଁରେ ପହଞ୍ଚି ଭୋକିଲା ଥିବା ସମସ୍ତ ପରିବାରକୁ ଶୁଖିଲା ଖାଦ୍ୟ ଦେଇଥିଲେ। ଏହାସହ ମହିଳାଙ୍କ ପ୍ରତି ଅନ୍ୟାୟ କରିଥିବା ପୋଲିସ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବା ସହ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରିବେ ବୋଲି କହିଛନ୍ତି।

### ମୃତ ଦେବାଶିଷଙ୍କ ତଦନ୍ତରେ ଅବହେଳା ଅଭିଯୋଗ

**ପିପିଲି,୧୨।୮(ସ୍ୱ.ପ୍ର.):** ପୁରୀ ସମୁଦ୍ର ମୁହାଣରେ ଗତ ମାସ ୪ ତାରିଖରେ କେନ୍ଦ୍ରାପଡ଼ାର ଦେବାଶିଷ ସେଠୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ହେଲେ ତାଙ୍କ ମା ପୁଅକୁ ଷଡଯନ୍ତ୍ର କରି ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ ମଧ ଅଦ୍ୟାବିଧି ତଦନ୍ତରେ ଅବହେଳା କରାଯାଉଛି ବୋଲି ବୁଧବାର ପିପିଲି ଡଗରାସାହି ନିକଟସ୍ଥ ଏକ ଖବରଦାତା ସମ୍ମିଳନୀରେ ଜାତୀୟ ଦଳିତ ଆଦିବାସୀ ସଂଖ୍ୟାଲଘୁ ମହାସଂଘର ରାଜ୍ୟ ସଭାପତି ବିଜୟ କୁମାର ସେଠୀ କହିଛନ୍ତି। ଦେବାଶିଷ ହତ୍ୟା ଘଟଣାର ତଦନ୍ତ ପୁରୀ ବଳିଆ ପଣ୍ଡା ଥାନା ଏସଆଇ ରବିନାରାୟଣ ସେଠୀଙ୍କୁ ଦାୟିତ୍ୱ ଦିଆଯାଇଥିଲେ ମଧ ଶିଥିଳ କରୁଥିବାର ସନ୍ଦେହ ହେଉଥିବା ବେଳେ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ତେଣୁ ଏହି ଘଟଣାକୁ ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରିବାକୁ ଜାତୀୟ ଦଳିତ ଆଦିବାସୀ ସଂଘ ଦାବି କରିଛି। ଏ ନେଇ କେନ୍ଦ୍ରାପଡା ଜିଲାପାଳ, ପୁରୀ ଏସ୍‌ପିଙ୍କୁ ଅଭିଯୋଗ କରାଯାଇଛି। ଏହାସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବା ସହ ଅନୁସୂଚିତ ଜାତି ଓ ଜନଜାତି ନିରାକରଣ ଆଇନ ମୁତାବକ ମୃତ ଦେବାଶିଷଙ୍କ ମା'ଙ୍କୁ ସରକାରୀ ସହାୟତା ଦେବା ପାଇଁ ସଂଘ ସଭାପତି ସେଠୀ ପ୍ରେସ୍ ଇସ୍ତାହାର ଜରିଆରେ ଦାବି ଜଣାଇଛନ୍ତି। ସମ୍ମିଳନୀରେ ସଂଘର ରାଜ୍ୟ ସମ୍ପାଦିକା ସୋନିଲତା ସେଠୀ, ଓବିସି ସେଲ ଜିଲା ସଭାନେତ୍ରୀ ସବିତା ସେନାପତି, ଖୋର୍ଦ୍ଧା ଜିଲା ସଭାପତି ଭାଗୀରଥି ଭୋଇ, ପିପିଲି ବ୍ଲକ ସଭାପତି ପ୍ରକାଶ ଭୋଇ, ନାରୀନେତ୍ରୀ ମନୋରମା ସେଠୀ ଉପସ୍ଥିତ ଥିଲେ।

# ରାଜଧାନୀ ଉପକଣ୍ଠରୁ ପ୍ରାଚୀନ ସଭ୍ୟତାର ସନ୍ଧାନ

ଭୁବନେଶ୍ୱର(ବ୍ୟୁରୋ),୧୨।୮

ଭୁବନେଶ୍ୱର ଉପକଣ୍ଠ ହାଇଟେକ୍ ଛକଠାରୁ ୭ କିଲୋମିଟର ଦୂର କୁଆଖାଇ ନଦୀର ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ ବରିମୁଣ୍ଡ ଗ୍ରାମରୁ ପ୍ରାଚୀନ ସଭ୍ୟତାର ସନ୍ଧାନ ମିଳିଛି। ବରିମୁଣ୍ଡ ଗ୍ରାମର ଜଳଯୋଗାଣକେନ୍ଦ୍ର ନିକଟରେ ଏକ ପାଣିଟାଙ୍କି ନିର୍ମାଣକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ପାଣି ଟାଙ୍କିର ମୂଳଦୁଆ ତିଆରି ନିମନ୍ତେ ଖନନ କରିବା ସମୟରେ ସେଠାରୁ ବହୁପ୍ରାଚୀନ ମାଟିପାତ୍ର ମିଳିଛି। ଏହି ମାଟିପାତ୍ର ମଧ୍ୟରେ ନାଲି, କଳା, ଧୂସର ରଙ୍ଗର ଖପରା ଦେଖିବାକୁ ମିଳିଛି। ଏହାସହ ବହୁ ସଂଖ୍ୟାରେ ଗୋଲାକାର ପଥର ଏଠାରୁ ମିଳିଛି। କୁଆଖାଇ ନଦୀ ଅବବାହିକାରେ ଏଭଳି ପ୍ରାଚୀନ ସଭ୍ୟତାର ସନ୍ଧାନ ପ୍ରଥମଥର ପାଇଁ ଦେଖିବାକୁ ମିଳିଛି।

ବରିମୁଣ୍ଡ ଏକ ପ୍ରାଚୀନ ସଂସ୍କୃତିସମ୍ପନ୍ନ ଗ୍ରାମ ହୋଇଥିବାବେଳେ ଏଠାରେ ଏକାଦଶ ଶତାବ୍ଦୀର ଲକ୍ଷେଶ୍ୱର ଶିବମନ୍ଦିର ରହିଛି। ମହାନଦୀ ଓ କାଠଯୋଡ଼ି ଅବବାହିକାରେ ପୂର୍ବରୁ ବହୁ ପ୍ରାଚୀନ ସହର ଓ ଗ୍ରାମାଞ୍ଚଳ ସଭ୍ୟତାର ସନ୍ଧାନ ମିଳିଥିଲା। ଏଗୁଡ଼ିକ ମଧ୍ୟରେ ଶିଶୁପାଳଗଡ଼ ଓ ତାଳପଡ଼ା ସହରୀ ସଭ୍ୟତା ହୋଇଥିବାବେଳେ ନରାଜ, ବିଦ୍ୟାଧରପୁର, କୋରକୋରା, ନଛିପୁର, କଲ୍ୟାଣପୁର ଗ୍ରାମାଞ୍ଚଳ ସଭ୍ୟତାର ନିଦର୍ଶନ। ଏହି ଗ୍ରାମାଞ୍ଚଳ ସଭ୍ୟତାଗୁଡ଼ିକ ବନ୍ୟା ଦ୍ୱାରା ଧ୍ୱଂସ ପାଇଥିବା ଆକଳନ କରାଯାଇଛି। ଏହି ସ୍ଥାନଗୁଡ଼ିକରେ ପ୍ରତ୍ନତାତ୍ତ୍ୱିକ ଅବଶେଷ ଉପରେ ୧ ରୁ ୨ ମିଟର ପର୍ଯ୍ୟନ୍ତ ବାଲି ମାଡ଼ିଯାଇଥିବା ପ୍ରତ୍ନତତ୍ତ୍ୱବିତ୍‌ମାନେ ଆକଳନ କରିଛନ୍ତି।


ବରିମୁଣ୍ଡ ଗ୍ରାମ ନିକଟସ୍ଥ ପାଣି ଟାଙ୍କି ନିର୍ମାଣ ସ୍ଥଳରୁ ପ୍ରାଚୀନ ମାଟିପାତ୍ର ମିଳିଛି।

## +୨ ବିଜ୍ଞାନରେ କିସ୍‌ର ସଫଳତା

ଭୁବନେଶ୍ୱର,୧୨।୮

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ବିଜ୍ଞାନ ପାଇଁ ଚଳିତ ବର୍ଷର ଫଳାଫଳ ବୁଧବାର ପ୍ରକାଶ ପାଇଛି। ରାଜ୍ୟର ମୋଟ ୭୦.୨୧% ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ସୂଚନା ମିଳିଛି। ସେହିଭଳି କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍‌ସେସ (କିସ୍)ର ପରୀକ୍ଷାର୍ଥୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ କିସ୍‌ରୁ ମୋଟ ୪୭୪ଜଣ ପରୀକ୍ଷାର୍ଥୀ +୨ବିଜ୍ଞାନ ପରୀକ୍ଷା ଦେଇଥିବା ବେଳେ,ସେଥିମଧ୍ୟରୁ ପ୍ରାୟ ୭୫% ପରୀକ୍ଷାର୍ଥୀ ପାଶ କରିଥିବା ସୂଚନା ମିଳିଛି। କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଚଳିତ ବର୍ଷର ଫଳାଫଳକୁ ନେଇ ସନ୍ତୋଷ ବ୍ୟକ୍ତ ପ୍ରକାଶ କରିବା ସହ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ଅନ୍ୟ ପକ୍ଷରେ କିସ୍‌ର ଏହି ସଫଳତାର ଶ୍ରେୟ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ଦେବା ସହ ସାଧୁବାଦ ଜଣାଇଛନ୍ତି।

## ଆର୍‌ସିଏସ୍‌ଟିର ଶତପ୍ରତିଶତ ସଫଳତା

ଭୁବନେଶ୍ୱର,୧୨।୮(ବ୍ୟୁରୋ)

ଆବାସିକ ମହାବିଦ୍ୟାଳୟ ରୟାଲ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି(ଆର୍‌ସିଏସ୍‌ଟି) ଗତବର୍ଷଗୁଡ଼ିକ ଭଳି ଏବର୍ଷ ମଧ +୨ ବିଜ୍ଞାନ ପରୀକ୍ଷାରେ ତାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛି। ଏଥର ପାସ୍‌ହାର ଶତପ୍ରତିଶତ ରହିଛି। କଲେଜର ୩୪୭ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏନ୍ .ରୋଶନ ୯୨.୦୦%, ପ୍ରତ୍ୟୁଷ ପଣ୍ଡା ୯୧.୬୭%, ସସ୍ମିତ ଶୁଭଙ୍କର ସାହୁ ୯୧.୫୦%, ଜଗତ୍ ମହାପାତ୍ର ୯୧.୧୭%, ଅମିତ୍ କୁମାର ସାହୁ ୯୦.୬୭%, ସସ୍ମିତ ମହାପାତ୍ର ୯୦.୬୭%, ରାନି ସୁପ୍ରଭା ପ୍ରିୟଦର୍ଶିନୀ ସାହୁ ୯୦% ନମ୍ବର ରଖିଛନ୍ତି। ଏଥିମଧ୍ୟରୁ ୭ଜଣ ଛାତ୍ରୀଛାତ୍ର ୯୦% ଊର୍ଦ୍ଧ୍ୱ ନମ୍ବର ରଖିବା ସହ ୬୮ ଜଣ ଛାତ୍ରୀଛାତ୍ର ୫୦୦ନମ୍ବରରୁ ଅଧିକ ନମ୍ବର ରଖି ମହାବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଏହାସହ ୩୦୭ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଓ ୪୦ଜଣ ଛାତ୍ରୀଛାତ୍ର ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅବସରରେ କଲେଜର ଚେୟାରମ୍ୟାନ ବିଷ୍ଣୁମୋହନ ମହାନ୍ତି ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଓ ଅଭିଭାବକଙ୍କ ଉଦ୍ଦେଶ୍ୟରେ ଅଭିନନ୍ଦନ ଜଣାଇଛନ୍ତି।

# ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ଦକ୍ଷତା ବିକାଶ

ଭୁବନେଶ୍ୱର(ବ୍ୟୁରୋ),୧୨।୮

ଭୁବନେଶ୍ୱରସ୍ଥିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଏବଂ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ 'ଜବ୍ ରେଡିନେସ୍ ସ୍କିଲ୍' ଶୀର୍ଷକ ଦୁଇଟି ଭର୍ଚୁଆଲ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟର ଏହି କାର୍ଯ୍ୟକ୍ରମ ଅଗଷ୍ଟ ୧୨ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ୨୦ରୁ ୩୫ବର୍ଷ ବୟସର ଶିକ୍ଷିତ ବେରୋଜଗାର ଯୁବତୀଯୁବକମାନେ ଜୁମ୍ ଆପ୍ ମାଧ୍ୟମରେ ଅଂଶଗ୍ରହଣ କରୁଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ପ୍ରାୟ ୪୦ଜଣ ଅଂଶଗ୍ରହଣ କରିଥିବା ବିଭାଗ ସୂଚନା ଦେଇଛି। କାର୍ଯ୍ୟକ୍ରମ ମାଧ୍ୟମରେ ୯ଟି ପ୍ରମୁଖ ବିଷୟ ତଥା ସେଲ୍‌ଫ ଆସେସ୍‌ମେଣ୍ଟ ଆଣ୍ଡ ସିଲେକ୍ସନ୍ ଅଫ୍ ସୁଇଟେବୁଲ୍ ଜବ୍, ଉଦ୍ୟୋଗ ଉପରେ ସଚେତନତା, ଚାକିରି ଦକ୍ଷତା ପ୍ରସ୍ତୁତିରେ ବିକାଶ କୌଶଳ, ଇଣ୍ଟରନେଟ୍ ମାଧ୍ୟମରେ କର୍ମ ନିୟୋଜନର ଅନ୍ୱେଷଣ, ସଫ୍ଟ ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ, ଇଣ୍ଟରଭ୍ୟୁ ନିମନ୍ତେ ପ୍ରସ୍ତୁତି ଭଳି ୯ଟି ପ୍ରମୁଖ ବିଷୟରେ ୫ଜଣ ଅତିଥି ବକ୍ତା ଓ ଅନୁଷ୍ଠାନର ଅଧିକାରୀ ପ୍ରଶିକ୍ଷାର୍ଥୀଙ୍କ ସହିତ ଜୁମ୍ ମାଧ୍ୟମରେ ଆଲୋଚନା କରିଥିଲେ। ଦୁଇଟି କାର୍ଯ୍ୟକ୍ରମ ସମାପ୍ତ ହେବାପରେ ପ୍ରଶିକ୍ଷାର୍ଥୀଙ୍କୁ ସମସ୍ତ ରିଡିଂ ମ୍ୟାଟେରିଆଲ୍, ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ, ଇ-ସାର୍ଟିଫିକେଟ୍ ପ୍ରଦାନ କରାଯିବା ସହିତ ସଫଳ ପ୍ରଶିକ୍ଷାର୍ଥୀଙ୍କୁ ୫୦୦ ଟଙ୍କା ଲେଖାଏ ଷ୍ଟାଇପେଣ୍ଡ ଦିଆଯିବ। ସାମ୍ପ୍ରତିକ କରୋନା ପରିସ୍ଥିତିରେ ଏଭଳି କାର୍ଯ୍ୟକ୍ରମ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଯୁବତୀଯୁବକଙ୍କ ନିମନ୍ତେ ବେଶ୍ ଉପାଦେୟ ହେବ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା କହିଛନ୍ତି।

## ୩ବର୍ଷ ହେଲା ହ୍ରାସ ପାଉଛି ପାସ୍ ହାର

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥର ପାସ୍ ହାର ୭୦.୨୧% ରହିଥିବାବେଳେ ଗତବର୍ଷଠାରୁ ୨.୧୨% କମିଛି। କେବଳ ଚଳିତ ବର୍ଷ ନୁହେଁ, ଗତ ୩ବର୍ଷ ହେଲା ଲଗାତର୍ ପାସ୍ ହାର କମୁଥିବା ଦେଖାଯାଇଛି। ୨୦୧୭ରେ ରାଜ୍ୟରେ ମୋଟ ୯୦,୬୪୩ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୭୩,୫୨୩ଜଣ ଛାତ୍ରୀଛାତ୍ର ପାସ୍ ହୋଇଥିଲେ ଓ ପାସ୍ ହାର ୮୧.୧୧% ରହିଥିଲା। ୨୦୧୮ରେ ପାସ୍ ହାର ୪.୧୩% ହ୍ରାସ ପାଇଯାଇଥିଲା। ସେହିବର୍ଷ ୯୬,୦୯୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। କିନ୍ତୁ ୭୩,୨୧୧ଜଣ ପାସ୍ ହୋଇଥିଲେ ଓ ପାସ୍ ହାର ୭୬.୯୮% ରହିଥିଲା। ସେହିପରି ୨୦୧୯ରେ ୯୭,୭୫୦ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୭୦,୭୦୬ଜଣ ପାସ୍ ହୋଇଥିଲେ। ପୂର୍ବ ବର୍ଷ ଅପେକ୍ଷା ପାସ୍ ହାରରେ ୪.୬୫% ହ୍ରାସ ପାଇ ୭୨.୩୩% ରହିଥିଲା।

## ରେଗୁଲାର ପାସ୍ ହାର ୮୭, ଏକ୍ସ ରେଗୁଲାର ୬୦%

ପୁରୀ ଅଫିସ, ୧୨।୮

ଯୁକ୍ତ ୨ ବିଜ୍ଞାନ ଫଳାଫଳ ବୁଧବାର ପ୍ରକାଶ ପାଇଛି। ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ଉଚ୍ଚ ମାଧ୍ୟମିକ ସ୍କୁଲର ରେଗୁଲାର ପାସ୍ ହାର୍ ୮୭.୬୭% ରହିଥିବାବେଳେ ଏକ୍ସ ରେଗୁଲାରରେ ପାସ୍ ହାର ୬୦.୯୭% ରହିଛି। ରେଗୁଲାରରେ ମୋଟ ୫୦୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୪୪୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀରେ ୨୦୭ ଜଣ, ଦ୍ୱିତୀୟରେ ୧୮୮ ଏବଂ ତୃତୀୟ ଶ୍ରେଣୀରେ ୪୬ ଜଣ ପାସ୍ କରିଛନ୍ତି। ୬୨ଜଣ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ସେହିପରି ଏକ୍ସ ରେଗୁଲାରରେ ୪୧ ଜଣ ପରୀକ୍ଷା ଦେଇଥିବାବେଳେ ମାତ୍ର ୨୫ଜଣ ପାସ୍ କରିଛନ୍ତି। ଏମାନଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀରେ ୫ ଜଣ, ଦ୍ୱିତୀୟ ୧୩ ଏବଂ ତୃତୀୟ ଶ୍ରେଣୀରେ ୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।

**ଏସ୍‌ସିଏସ୍ ଉଚ୍ଚ ମାଧ୍ୟମିକ ସ୍କୁଲ**

ଏସ୍‌ସିଏସ୍ ଉଚ୍ଚ ମାଧ୍ୟମିକ ସ୍କୁଲର ବଳଭଦ୍ର ମହାପାତ୍ର ୫୨୬, ବିଶ୍ୱରଞ୍ଜନ ମାନସିଂହ ୫୨୨, ପ୍ରିୟାଂଶୁ ପ୍ରଧାନ ୫୨୨, ପ୍ରତାପ ମହାରଣା ୫୧୮, ଅଭିଷେକ ଜେନା ୫୧୬, କୈଳାସ ପୁନୀ ୫୧୪, ଆଶିଷ ମହାରଥୀ ୫୦୭, ସୌମ୍ୟରଞ୍ଜନ ପ୍ରଧାନ ୫୦୬, ଶକ୍ତି ପ୍ରସାଦ ଜେନା ୫୦୪, ଅର୍ପିତା ଖୁଣ୍ଟିଆ ୫୦୩ ଓ କ୍ରିଷ୍ଟାରାଣୀ ସିହ୍ନା ୫୦୧ ନମ୍ବର ରଖିଛନ୍ତି। ସେହିପରି ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲର ରେଗୁଲାରରେ ୨୬ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ। ପ୍ରଥମ ଶ୍ରେଣୀରେ ୪ ଜଣ, ଦ୍ୱିତୀୟରେ ୬ ଏବଂ ତୃତୀୟ ଶ୍ରେଣୀରେ ୭ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏକ୍ସ ରେଗୁଲାରରେ ୯ ଜଣ ପରୀକ୍ଷା ଦେଇଥିବାବେଳେ ୭ ଜଣ ପାସ୍ କରିଛନ୍ତି। ଷ୍ଟେଶନ ବଜାରସ୍ଥିତ ସରସ୍ୱତୀ ଜ୍ଞାନ ମନ୍ଦିରର ସାର୍ଥକ ମହାପାତ୍ର ସ୍କୁଲରେ ସର୍ବାଧିକ ୫୪୨ ନମ୍ବର ରଖିଥିବା ବେଳେ ୧୨ଜଣ ଛାତ୍ରୀଛାତ୍ର ୪୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଏହି ବିଦ୍ୟାଳୟର ୪୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପ୍ରଥମ ଶ୍ରେଣୀରେ ୨୭, ଦ୍ୱିତୀୟ ୧୩ ଓ ତୃତୀୟ ଶ୍ରେଣୀରେ ୨ଜଣ ପାସ୍ କରିଛନ୍ତି।

# ଯୁବଗୋଷ୍ଠୀ ଦେଶ ଓ ବିଶ୍ୱର ଭବିଷ୍ୟତ

ଭୁବନେଶ୍ୱର,୧୨।୮(ବ୍ୟୁରୋ)

ବିଶ୍ୱ ଓଡ଼ିଆ ମହାସଂଘ ପକ୍ଷରୁ ବୁଧବାର ବିଶ୍ୱ ଯୁବଦିବସ ଭିଡିଓ କନଫରେନ୍ସ ମାଧ୍ୟମରେ ପାଳିତ ହୋଇଯାଇଛି। ବିଶ୍ୱ ଓଡ଼ିଆ ମହାସଂଘର ସଭାପତି ସୁରେନ୍ଦ୍ର ନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୃଷିମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗଦେଇ ଯୁବତୀଯୁବକମାନେ ଆମ ଦେଶ ଓ ବିଶ୍ୱର ଭବିଷ୍ୟତ। ଯୁବଗୋଷ୍ଠୀଙ୍କୁ କାର୍ଯ୍ୟଦକ୍ଷ କରିବା ପାଇଁ ସରକାର ବିଶେଷଭାବେ ଧ୍ୟାନ ଦେଉଛନ୍ତି। ଯୁବ ଗୋଷ୍ଠୀ ଏହାର ଫାଇଦା ନେବା ଉଚିତ ବୋଲି ସାହୁ କହିଥିଲେ।

ସମ୍ମାନିତ ଅତିଥି ଭାବେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଯୁବତୀଯୁବକ ମାନେ କିପରି ଆଗକୁ ବଢ଼ିବେ ସେନେଇ ଅନେକ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ମୋ ପରିବାର ସଦସ୍ୟା ଡେଜାଲିନ ମହାପାତ୍ର ଯୋଗଦେଇ ଯୁବଗୋଷ୍ଠୀଙ୍କୁ ଅନେକ ଉପଦେଶ ଦେଇଥିଲେ। ବିଶ୍ୱ ଓଡ଼ିଆ ମହାସଂଘର ସଭାପତି ମହାପାତ୍ର କହିଥିଲେ ଯେ, ଯୁବତୀଯୁବକ ହେଉଛନ୍ତି ଭାରତର ପ୍ରଦୀପ ସଦୃଶ। ଗୋଟିଏ ପ୍ରଦୀପ ଅନେକ ପ୍ରଦୀପକୁ ଆଲୋକିତ କରି ଘନ ଅନ୍ଧକାରକୁ ଦୂର କରିପାରିବ। ଯୁବଶକ୍ତି ଜାଗରଣ ହେଲେ ଦେଶ ଦୁନିଆ ବିଶ୍ୱର କଲ୍ୟାଣ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ବିଶ୍ୱ ଓଡ଼ିଆ ମହାସଂଘର ସାଧାରଣ ସମ୍ପାଦକ ସଞ୍ଜୟ ମହାକୁଡ଼, ରାମକୃଷ୍ଣ ପାଢ଼ୀ, ରୁଦ୍ରନାରାୟଣ ଦାଶ, ମାନସ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।



ୱେବିନାରରେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତିଗଣ।

## ପୀଡ଼ିତାଙ୍କ ସ୍ୱାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ

**ମହିଳାଙ୍କୁ ଶିକ୍ଷକଙ୍କ ବଳାତ୍କାର ଘଟଣା**

ମାହାଙ୍ଗା,୧୨।୮(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ପୋଡ଼ାମରାଇ ପଞ୍ଚାୟତର ଜଣେ ମହିଳାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଶିକ୍ଷକ ବଳାତ୍କାର କରିଥିଲେ । ଏନେଇ ବିଚାର ବିଭାଗୀୟ ଅଦାଲତରେ ନ୍ୟାୟ ନ ମିଳିବାରୁ ପୀଡ଼ିତାଙ୍କ ସ୍ୱାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜୁନ ୨୫ ରାତିରେ ଅଭିଯୁକ୍ତ ଶିକ୍ଷକ ପୀଡ଼ିତାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ଥାନାରେ ମାମଲା ରୁଜୁ ହୋଇଥିଲା। ମାତ୍ର ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଫଳରେ ପୀଡ଼ିତାଙ୍କ ସ୍ୱାମୀ ବାଧ୍ୟହୋଇ ହାଇକୋର୍ଟରେ ମାମଲା ଦାୟର କରିଛନ୍ତି।

## ଆଇସୋଲେଶନ ୱାର୍ଡରେ ଅଗ୍ନିଶମ ମକ୍ ଡ୍ରିଲ

କଟକ ଅଫିସ,୧୨।୮

କୋଭିଡ୍ ହସ୍ପିଟାଲରେ ପୃଥକ୍ ଘଟଣାରେ ନିଆଁ ଲାଗିବା ପରେ ଏସ୍‌ସିବି ଅଗ୍ନିଶମ ବିଭାଗ ନିଜ ଆଡୁ ତତ୍ପରତା ଦେଖାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ସିବି ଆଇସୋଲେଶନ ୱାର୍ଡରେ ଏକ ମକ୍ ଡ୍ରିଲ ଆୟୋଜନ କରାଯାଇଛି। ଏସ୍‌ସିବି ଅଗ୍ନିଶମ କେନ୍ଦ୍ରର ଅଧିକାରୀ ସୁଶାନ୍ତ ଦାସଙ୍କ ନେତୃତ୍ୱରେ ଏହି ମକ୍ ଡ୍ରିଲ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ଆପତ୍‌କାଳୀନ ସ୍ଥିତିରେ ଦୁର୍ଘଟଣାକୁ ନିୟନ୍ତ୍ରଣ କରିବାର ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରିଥିଲେ। ପରେ ହସ୍ପିଟାଲର ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ଏକ ପ୍ରସ୍ତାବପତ୍ର ଦିଆଯାଇଥିଲା। ଯେଉଁଥିରେ ଜରୁରିକାଳୀନ ସ୍ଥିତିର ସଫଳ ମୁକାବିଲା ପାଇଁ ୩୦୦ ଲିଟର ବିଶିଷ୍ଟ ପାଣି ଟାଙ୍କି, ବାଲ୍‌ଟି, ବାଲି ଓ ଅନ୍ୟ ସରଞ୍ଜାମ ଉପଲବ୍ଧ ରଖିବା ପାଇଁ ନିବେଦନ କରାଯାଇଛି।

# ଆଜିଠୁ ସାଇମୁନ୍ ଆରମ୍ଭ

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

**୯ ଦେଶରୁ ଯୋଗଦେବେ ୭୫୦ ଅତିଥି**

ପୂର୍ବ ଭାରତର ସର୍ବବୃହତ ଅନ୍ତର୍ଜାତୀୟ ସମ୍ମିଳନୀ ସାଇ ମଡେଲ୍ ୟୁନାଇଟେଡ୍ ନେଶନ୍‌ସ (ସାଇମୁନ୍)ର ଅଷ୍ଟମ ସଂସ୍କରଣ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ପକ୍ଷରୁ ଗୁରୁବାରଠାରୁ ଆରମ୍ଭ ହେବ। ୟୁନେସ୍କୋ ଏବଂ ଭାରତ ଓ ଭୁଟାନ ୟୁନାଇଟେଡ୍ ନେଶନ୍‌ସ ଇନଫରମେଶନ ସେଣ୍ଟରର ଏହା ହେଉଛି ଏକ ସହବନ୍ଧିତ କାର୍ଯ୍ୟକ୍ରମ। ୨୦୧୩ରୁ ପ୍ରତିବର୍ଷ ହୋଇଆସୁଥିବା ଏହି ସମ୍ମିଳନୀ ଚଳିତବର୍ଷ ଅନ୍‌ଲାଇନରେ ୧୩ ଓ ୧୪ ତାରିଖ ଦୁଇଦିନ ଧରି ଚାଲିବ। ଏଥିରେ ଦେଶର ୩୬ଟି ସ୍କୁଲ ଓ ୯ଟି ଦେଶରୁ ୭୫୦ରୁ ଅଧିକ ଅତିଥି ସାମିଲ ହେବେ। ଏହି ଦେଶଗୁଡିକ ମଧ୍ୟରେ ଭାରତ ସମେତ ଆମେରିକା, ସାଉଦିଆରବ, ଅଷ୍ଟ୍ରେଲିଆ, ଭିଏତନାମ୍, ଶ୍ରୀଲଙ୍କା, ଜାପାନ, ଇଣ୍ଡୋନେସିଆ, ଉଗାଣ୍ଡା ଆଦି ଦେଶ ରହିଛି। ସାଇମୁନ୍‌ର ବିଷୟବସ୍ତୁ ହେଲା 'ବସୁଧୈବ କୁଟୁମ୍ବକମ୍'। ଗୋଟିଏ ବିଶ୍ୱ ଗୋଟିଏ ପରିବାର ଓ ଏଥିରେ ୨୦ଟି କମିଟି ରହିଛି। ଛାତ୍ରୀଛାତ୍ରଙ୍କୁ ନେତୃତ୍ୱ ଗଢ଼ିବା, ଆପୋସ କଥାବାର୍ତ୍ତା ମାଧ୍ୟମରେ ପୃଥିବୀର ବିଭିନ୍ନ ସମସ୍ୟା ସମାଧାନର ଉପାୟ ବାହାର କରିବା ଉପରେ ଆଲୋଚନା କରାଯାଇଥାଏ। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ୍‌ର ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁ କହିଛନ୍ତି, ସାଇମୁନ୍ ଏମିତି ଏକ କାର୍ଯ୍ୟକ୍ରମ ଯାହା ଛାତ୍ରୀଛାତ୍ରଙ୍କୁ ସମସାମୟିକ ଅନ୍ତର୍ଜାତୀୟ ସମସ୍ୟା ଉପରେ ଆଲୋଚନା କରିବାର ସୁଯୋଗ ପ୍ରଦାନ କରିଥାଏ। ଏଥିସହ ବହୁ ସଂଖ୍ୟକ ଜାତୀୟ ଓ ଅନ୍ତର୍ଜାତୀୟ ଅତିଥିଙ୍କ ସହ ଅନଲାଇନ୍‌ରେ ମିଶିବାର ସୁଯୋଗ ମିଳିବ।

# ପଛରେ ପଡ଼ିଲା ସରକାରୀ କଲେଜ

କଟକ ଅଫିସ,୧୨।୮

**ଶ୍ରେଷ୍ଠ ଶହେରେ କଟକର ପ୍ରମୁଖ ସରକାରୀ କଲେଜର ନାଁ ନାହିଁ**

କଟକର ବିଦ୍ୟାର୍ଥୀ ସବୁବେଳେ ଟପ୍ପର କିମ୍ବା ଟପ୍ ଟେନ୍ ଭିତରେ ରୁହନ୍ତି। କିନ୍ତୁ ବୁଧବାର ପ୍ରକାଶ ପାଇଥିବା ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳରେ ଶ୍ରେଷ୍ଠ ୧୦୦ ତାଲିକାରେ କଟକର କୌଣସି ପ୍ରମୁଖ ସରକାରୀ ମହାବିଦ୍ୟାଳୟର ନାଁ ନାହିଁ। ଏଭଳି ବିଡ଼ମ୍ବନା ପ୍ରଥମଥର ଦେଖିବାକୁ ମିଳିଛି। କେବଳ ଘରୋଇ ମହାବିଦ୍ୟାଳୟ ଏହି ତାଲିକାର ଉପରେ ଅଛନ୍ତି।

କଟକକୁ ରାଜ୍ୟ ଶିକ୍ଷା ବ୍ୟବସ୍ଥାର ଅନ୍ତର୍ଭୁକ୍ତିଶାଳ ଓ ଗୁଣାତ୍ମକ ଶିକ୍ଷାର ପ୍ରାଣକେନ୍ଦ୍ର କୁହାଯାଏ। ଯୁକ୍ତଦୁଇରେ ନାମଲେଖା ବେଳେ ଏଠାକାର ମହାବିଦ୍ୟାଳୟଗୁଡ଼ିକ କଟ୍‌ଅଫ୍ ମାର୍କକୁ ଅଧିକ ରଖନ୍ତି। ଏଠାରେ ସର୍ବପୁରାତନ ରେଭେନ୍‌ଶା ଜୁନିୟର କଲେଜଠାରୁ ଆରମ୍ଭ କରି ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ, ଜାତୀୟ କବି ବୀର କିଶୋର ସରକାରୀ ମହାବିଦ୍ୟାଳୟ (ଜେକେବିକେ), ଖ୍ରୀଷ୍ଟ ଓ ଷ୍ଟିୱାର୍ଟ ଭଳି ଅନେକ ପ୍ରମୁଖ ମହାବିଦ୍ୟାଳୟ ରହିଛି। କିନ୍ତୁ ଗଣଶିକ୍ଷା ବିଭାଗ ଦେଇଥିବା ଶ୍ରେଷ୍ଠ ୯୬ ତାଲିକାରେ କଟକର କୌଣସି ପ୍ରତିଷ୍ଠିତ ସରକାରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ନାମ ନାହିଁ। ରେଭେନ୍‌ଶା ଜୁନିୟର କଲେଜର ଜଣେ ମାତ୍ର ଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ହେଲେ ସେ ମଧ ଶ୍ରେଷ୍ଠ ୧୦୦ ଭିତରେ ନ ଥିବା ମହାବିଦ୍ୟାଳୟ ପକ୍ଷରୁ ଜଣାପଡ଼ିଛି। ଗତବର୍ଷ ରେଭେନ୍‌ଶା ଜୁନିୟର କଲେଜରେ ବିଜ୍ଞାନ ନାମଲେଖା ପାଇଁ କଟ୍‌ଅଫ୍ ମାର୍କ ଥିଲା ୯୦ ପ୍ରତିଶତ। ମାଟ୍ରିକରେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ଛାତ୍ରୀଛାତ୍ର ପ୍ରାୟତଃ ଏହି ମହାବିଦ୍ୟାଳୟରେ ନାମ ଲେଖାଇବା ପାଇଁ ସୁଯୋଗ ପାଆନ୍ତି। ସେହିପରି ଗତବର୍ଷ ଜେକେବିକେ ମହାବିଦ୍ୟାଳୟର କଟ୍‌ଅଫ୍ ମାର୍କ ୮୩.୮୩, ଶୈଳବାଳା ମହିଳା ମହାବିଦ୍ୟାଳୟର ୮୦, ଖ୍ରୀଷ୍ଟ କଲେଜର ୭୦.୩୩ ଓ ଷ୍ଟିୱାର୍ଟ ବିଜ୍ଞାନ କଲେଜର ୭୭.୮୩ ପ୍ରତିଶତ ରହିଥିଲା। ମାଟ୍ରିକରୁ ବଛାବଛା ମେଧାବୀ ବିଦ୍ୟାର୍ଥୀଙ୍କୁ ନେଇ ଶିକ୍ଷାବର୍ଷ ଆରମ୍ଭ କରୁଥିବା ପ୍ରମୁଖ ଜୁନିୟର କଲେଜଗୁଡ଼ିକ ଚଳିତବର୍ଷ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ସହରର 'ଭଲ କଲେଜ' ଟ୍ୟାଗ୍ ଲାଗିଥିବା କଲେଜକୁ ଘରୋଇ କଲେଜଗୁଡ଼ିକ ପଛରେ ପକାଇଛନ୍ତି। ଟାଙ୍ଗୀର ଏକ ଘରୋଇ ମହାବିଦ୍ୟାଳୟର ଛାତ୍ର ଟପ୍-୩ରେ ରହିଛନ୍ତି। ଅନ୍ୟ କେତୋଟି ମହାବିଦ୍ୟାଳୟ ମଧ ଟପ୍-୧୦୦ରେ ଅଛନ୍ତି।

ଅନ୍ୟପକ୍ଷରେ ରେଭେନ୍‌ଶା ଜୁନିୟର କଲେଜରେ ୩୬୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୬୧ ଜଣ ପ୍ରଥମଶ୍ରେଣୀ, ୫୬ଜଣ ଦ୍ୱିତୀୟ ଶ୍ରେଣୀ ଓ ୨୨ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଖ୍ରୀଷ୍ଟ ମହାବିଦ୍ୟାଳୟର ୨୨୪ରୁ ୩୦ ଜଣ ପ୍ରଥମଶ୍ରେଣୀ, ୯୧ ଜଣ ଦ୍ୱିତୀୟ ଶ୍ରେଣୀ ଓ ୩୬ ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ୩୭୬ରୁ ୧୦୫ ଜଣ ପ୍ରଥମଶ୍ରେଣୀ, ୧୫୧ ଜଣ ଦ୍ୱିତୀୟ ଶ୍ରେଣୀ, ୪୩ ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୬୧ରୁ ୯୦ ଜଣ ପ୍ରଥମଶ୍ରେଣୀ, ୯୮ ଜଣ ଦ୍ୱିତୀୟ ଶ୍ରେଣୀ, ୨୭ ଜଣ ୩ୟ ଶ୍ରେଣୀରେ ପାସ୍ କରିଛନ୍ତି।

